ODM EDUCATIONAL GROUP
Changing your Tomorrow

# MORNING PRAYER



[redacted]



CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

ODM EDUCATIONAL GROUP
Changing your Tomorrow

**SESSION :7**
**CLASS :3**
**SUBJECT : ODIA**
**CHAPTER NUMBER: 10**
**CHAPTER NAME : ଗାଁ ବୁଲା**
**SUBTOPIC : ପଠନ କ୍ରିୟା ଓ ଅଭ୍ୟାସ-୫,୭ ,୮**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ,ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା ।



ODM EDUCATIONAL GROUP






# ଗାଁ ବୁଲା



ପାଠ -୧୦

# ଗାଁ ବୁଲା

ପୁରୁଷୋତ୍ତମପୁର ଗାଁରେ ତିଳୋତ୍ତମା ଦେବୀଙ୍କ ଘର । ପ୍ରଥମାଷ୍ଟମୀ ଦୁଇଦିନ ଥାଏ । ତିଳୋତ୍ତମା ଦେବୀ ତାଙ୍କ ଝିଅ ଅନୁଷ୍କାକୁ ଧରି ବଜାର ବାହାରିଲେ । ବାଟରେ ପୋଷ୍ଟ ଅଫିସ ଦେଖି ଅନୁଷ୍କା ପଚାରିଲା ''ମା', ଏଠାରେ କ'ଣ





47TQ4D














ODIAPORTAL.IN
ODM EDUCATIONAL GROUP


ଅଲିହା ଶାଖା ଡାକ ଘର
PIN CODE 756142
ALIHA





ହୁଏ ?'' ତିଲୋତ୍ତମା ଝିଅର କଥାଶୁଣି ଉତ୍ତର ଦେଲେ, ''ଏହା ଗୋଟିଏ ପୋଷ୍ଟ ଅଫିସ । ଏଠାରେ ପୋଷ୍ଟକାର୍ଡ୍, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଟେଲିଗ୍ରାମ୍ ଫର୍ମ ଇତ୍ୟାଦି ମିଳେ । ଦୂରଜାଗାକୁ ଟଙ୍କା ପଠାଇବା ଓ ଖବର ପଠାଇବାରେ ପୋଷ୍ଟ ଅଫିସ ସାହାଯ୍ୟ କରେ । ଆଜିକାଲି ମୋବାଇଲ୍ ଫୋନ୍‌ରେ ବହୁତ ଦୂର ଜାଗାକୁ କମ୍ ସମୟରେ ଖବର ପଠାଯାଇ ପାରୁଛି ।"

କିଛିବାଟ ଗଲାପରେ ଅନୁଷ୍କା ମସ୍‌ଜିଦ୍‌ଟିଏ ଦେଖି ପଚାରିଲା, "ମା', ଏଇଟା କ'ଣ ?" ମା' କହିଲେ "ଏ ହେଉଛି ମସ୍‌ଜିଦ୍ । ମୁସଲମାନମାନେ ଏଠି ପ୍ରାର୍ଥନା କରନ୍ତି । ହିନ୍ଦୁମାନେ ମନ୍ଦିରରେ ପୂଜାପାଠ କରନ୍ତି । ଭଜନ କୀର୍ତ୍ତନ କରନ୍ତି । ସେଭଳି ଖ୍ରୀଷ୍ଟିୟାନ୍‌ମାନେ ଗିର୍ଜାରେ ପ୍ରାର୍ଥନା କରନ୍ତି ।





ଶିଖ୍‌ମାନେ ଗୁରୁଦ୍ୱାରରେ ପ୍ରାର୍ଥନା କରନ୍ତି । ମସ୍‌ଜିଦ୍, ମନ୍ଦିର, ଗିର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଧର୍ମ ଅନୁଷ୍ଠାନ । ସବୁ ଧର୍ମ ସମାନ । କେହି ସାନ ବଡ଼ ନୁହନ୍ତି ।"

# ମସ୍‌ଜିଦ୍‌



# ମନ୍ଦିର



# ଗୀର୍ଜା

ODM EDUCATIONAL GROUP
Changing your Tommorrow



# ଗୁରୁଦ୍ୱାର

ODM EDUCATIONAL GROUP








ଅନୁଷ୍କା ପଚାରିଲା, "ମା', ଆମେ ପୋଷାକ କିଣିବାନାହିଁ କି ?" ତିଳୋତ୍ତମା ଦେବୀ ଉତ୍ତର ଦେଲେ "ହଁ, ଆମେ ତ ଆସି ବଜାର ପାଖରେ ପହଞ୍ଚିଗଲେ ।"

ଅନୁଷ୍କା କହିଲା, "ମା', ତୁମେ ଯେଉଁ ହାଟକୁ ଯାଅ ସେଇଟା ପୁଣି କ'ଣ ?" ତିଳୋତ୍ତମା ଦେବୀ କହିଲେ, "ହାଟ ସାତଦିନରେ ଥରେ ବା ଦୁଇଥର ବସେ । ବିଭିନ୍ନ ପ୍ରକାରର ଜିନିଷ ମିଳେ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି କିଣାବିକା କରନ୍ତି । ହାଟ ସରିଲା ପରେ ଦୋକାନଗୁଡ଼ିକ ସବୁ ଉଠିଯାଏ । ଗୋଟିଏ ଜାଗାରେ ବିଭିନ୍ନ ପ୍ରକାରର ଦୋକାନ ଥିଲେ ତାକୁ ବଜାର କହନ୍ତି । ଏହା ସବୁଦିନ ଖୋଲାରୁହେ ।" ତା'ପରେ ଅନୁଷ୍କାର ଜାମା କିଣା ହେଲା । ସେ ଖୁସିମନରେ ଘରକୁ ଫେରିଲା ।



# ଅଭ୍ୟାସ -୫ ଅକ୍ଷର ଯୋଡି ଶବ୍ଦ ଗଢ |




ODM EDUCATIONAL GROUP

# ଅଭ୍ୟାସ -୫ ଅକ୍ଷର ଯୋଡି ଶବ୍ଦ ଗଢ |




ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୭ ଖାଲି ଘର ପୂରଣ କର |

ସୃ ଷ୍ଟି ଷ ଷ୍ଟ ପୃ ଷ୍ଠ

ସମ ଷ୍ଟି ପୁ ଷ୍ଟି ବୃ ଷ୍ଟି

ଓ ଷ୍ଠ ନି ଷ୍ଠା

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୮ କେଉଁଠିକୁ ଯିବା

ODM EDUCATIONAL GROUP

କ – ପୋଷ୍ଟକାର୍ଡ କିଣିବା ପାଇଁ –

ପୋଷ୍ଟ ଅଫିସ

ଖ –ପରିବା କିଣିବା ପାଇଁ –

ପରିବା ଦୋକାନକୁ

ଗ-ପୋଷାକ କିଣିବା ପାଇଁ –

ପୋଷାକ ଦୋକାନକୁ

ଘ –ଟଙ୍କା ପଠାଇବା ପାଇଁ -

ପୋଷ୍ଟ ଅଫିସ ଓ ବ୍ୟାଙ୍କକୁ

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

ODM EDUCATIONAL GROUP
Changing your Tommorrow

୧ –ପୁରୁଷୋତ୍ତମପୁର ଗାଁରେ କାହାର ଘର ?
୨–କାହାକୁ ଧରି ତିଳୋତ୍ତମା ଦେବୀ ବଜାର ବାହାରିଲେ?
୩ – ବାଟରେ ପ୍ରଥମେ ଅନୁଷ୍କା କଣ ଦେଖିଲା ?
୪ –ପୋଷ୍ଟ ଅଫିସ ରେ କଣ କଣ ମିଳେ ?
୫ –ଆଜିକାଲି ଆମେ କାହା ସାହାଯ୍ୟରେ କମ ସମୟ ମଧ୍ୟରେ ଦୂର ଜାଗାକୁ ଖବର ପଠାଇ ପାରୁଛେ ?
୬ – ମୁସଲମାନ ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?
୭ – ଖ୍ରୀଷ୍ଟିୟାନ୍‌ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?
୮ –ହିନ୍ଦୁ ମାନେ କେଉଁଠାରେ ପୂଜାପାଠ କରନ୍ତି ?
୯-ବଜାର କାହାକୁ କହନ୍ତି ଓ ହାଟ କାହାକୁ କହନ୍ତି ?

# ଗୃହକର୍ମ

ଅଭ୍ୟାସ – ୬ ଓ ୪ (ଟ ରୁ ଝ)ପର୍ଯ୍ୟନ୍ତ ବାକ୍ୟ ଗୁଡିକୁ ଖାତାରେ ଲେଖ |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



**THANKING YOU**

**ODM EDUCATIONAL GROUP**